# କୋଭିଡ-୧୯ ମହାମାରୀ ପରିପ୍ରେକ୍ଷୀରେ ଭାରତରେ ମ୍ୟାଲେରିଆ ନିୟନ୍ତ୍ରଣ[୧]

***ମଦନ ମୋହନ ପ୍ରଧାନ, ଅମ୍ବରୀଶ ଦତ୍ତ ଏବଂ ଶ୍ରୀଜିତ୍ ମିଶ୍ର[୨]***

୨୮ ମଇ ୨୦୨୦ (ଇଂରାଜୀ ସଂସ୍କରଣ, ୧୫ ମଇ ୨୦୨୦)

***ଉଦ୍ଧୃତାଂଶ:*** *ଏହି ନୀତିପତ୍ରଟି ଦର୍ଶାଉଛି ଯେ ବୈଶ୍ୱିକ, ରାଷ୍ଟ୍ରୀୟ ଏବଂ ସ୍ଥାନୀୟ ସ୍ତରରେ କୋଭିଡ-୧୯ ମହାମାରୀ ପାଇଁ ହେଉଥିବା ହସ୍ତକ୍ଷେପ ଯୋଗୁଁ ଅନ୍ୟାନ୍ୟ ରୋଗଗୁଡିକ ଉପରୁ ଧ୍ୟାନ ଓ ସାଧନ ହଟିବା ଭଳି ଅବସ୍ଥା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ଏକ ମ୍ୟାଲେରିଆମୁକ୍ତ ଭବିଷ୍ୟତ ପ୍ରତି ନଜର ରଖାଯାଇ ସାମଗ୍ରୀକ ଭାବେ କାର୍ଯ୍ୟ ଚଳାଇ ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ନିରୀକ୍ଷଣ ବ୍ୟବସ୍ଥାକୁ ଉପଜିଲା ସ୍ତରରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ଅଧିକ ଉଜ୍ଜିବିତ କରିବାକୁ ହେବ। ମ୍ୟାଲେରିଆ ପ୍ରତିଷେଧକ ଉପାୟ, ଯେପରିକି କୀଟନାଶକ ବ୍ୟବହୃତ ମଶାରୀ, ଘର ଭିତରେ କୀଟନାଶକ ସିଞ୍ଚନ ଆଦି କାର୍ଯ୍ୟଗୁଡିକୁ କୋଭିଡ-୧୯ ପ୍ରତିରୋଧ ପାଇଁ ଚାଲିଥିବା କାର୍ଯ୍ୟକ୍ରମ ଭିତରେ ଓ ସେହି ତତ୍ପରତା ସହିତ କରିବାକୁ ହେବ। ଏବେ ମ୍ୟାଲେରିଆ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ କାରଣ କୋଭିଡ-୧୯ ଏବଂ ମ୍ୟାଲେରିଆର ପାଦୃଭାବ (କୋ-ମୋରବିଡ଼ କଣ୍ଡିସନ) ବିଷୟରେ ଆମ ପାଖରେ ବିଶେଷ ପ୍ରମାଣ ନାହିଁ। ଏଥିପାଇଁ ଗ୍ରାମପଂଚାୟତଗୁଡିକର ବିଭିନ୍ନ ସମୂହକୁ ଏକତ୍ରିତ କରି ସହଭାଗିତାରେ କାର୍ଯ୍ୟ କରିବାକୁ ପଡିବ। ଯାବତ୍ ଏହି ବାହକ ଜନିତ ରୋଗର ଦମନ ପାଇଁ ସଚେତନତାର ବାର୍ତ୍ତା ବିତରଣ କରିବା ତଥା ସମନ୍ୱିତ ରୋଗର ନୀରିକ୍ଷଣ ପାଇଁ ପ୍ରସ୍ତୁତ କରିବାକୁ ହେବ।*

## କୋଭିଡ-୧୯

କରୋନା ଭୂତାଣୁ ରୋଗକୁ (ଯାହାକି ଚୀନର ହୁବେଇ ପ୍ରାନ୍ତରେ ଥିବା ଉହାନ ସହରରୁ ଡିସେମ୍ବର ୨୦୧୯ରେ ବାହାରିଥିଲା) ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୋଭିଡ-୧୯ ଏବଂ ସେହି ଭୂତାଣୁକୁ ସିଭିୟର ଆକ୍ୟୁଟ ରେସପିରେଟୋରୀ ସିଣ୍ଡ୍ରୋମ କରୋନା ଭାଇରସ ୨(ସାର୍ସ-କୋଭ-୨) ଭାବରେ ନାମିତ କରାଯାଇଛି। ଏହାର ପ୍ରଥମ ସୂଚନା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବେଜିଂ ସ୍ଥିତ ଚୀନଦେଶ ପାଇଁ କାର୍ଯ୍ୟାଳୟରେ ୩୧ ଡିସେମ୍ବର ୨୦୧୯ରେ ପହଞ୍ଚିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ୩୦ ଜାନୁଆରୀ ୨୦୨୦ରେ ଏହାର ସମୟସୀମାରେ ଘୋଷଣା କରାଯାଇଥିଲା ଯେ ଏହା ଅନ୍ତରାଷ୍ଟ୍ରୀୟ ସ୍ତରରେ ଦେଖାଦେଇଥିବା ସାଧାରଣ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଜରୁରୀ କାଳୀନ ପରିସ୍ଥିତି ବା ଜନସ୍ୱାସ୍ଥ୍ୟ ଜରୁରୀ ଅବସ୍ଥା ସୃଷ୍ଟି କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୧ ମାର୍ଚ୍ଚ ୨୦୨୦ରେ ଏହାକୁ ଏକ ବିଶ୍ୱ ମହାମାରୀ ରୂପେ ଘୋଷଣା କରାଯାଇଥିଲା। ୧୦ ମଇ ୨୦୨୦ରେ ଆସିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପାରିସ୍ଥିତିକ ବିବରଣୀ ବା ସିଚୁଏସନ ରିପୋର୍ଟ ୧୧୧ ଅନୁଯାୟୀ ସେ ଯାବତ୍ ବିଶ୍ୱର ବିଭିନ୍ନ ସ୍ଥାନରେ ୩୯ ଲକ୍ଷ ଲୋକ କୋଭିଡ-୧୯ରେ ଆକ୍ରାନ୍ତ ହୋଇଥିଲେ ଓ ୨ଲକ୍ଷ ୭୪ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଭାରତରେ ପ୍ରଥମ କୋଭିଡ-୧୯ ସଂକ୍ରମଣ ସୂଚନା ୩୦ ଜାନୁଆରୀ ୨୦୨୦ରେ କେରଳରୁ ଆସିଥିଲା। ୧୧ ମଇ ୨୦୨୦ ବେଳକୁ ଭାରତରେ ୬୭,୧୫୨ ଲୋକ ନିଶ୍ଚିତ ଆକ୍ରାନ୍ତ ହୋଇ ସାରିଥିଲେ ଓ ୨,୨୦୬ ଜଣ ଲୋକଙ୍କର ମୃତ୍ୟୁ ହୋଇ ସାରିଥିଲା।

---

[୧]ଏହି ନୀତି ପତ୍ରରେ ପ୍ରକାଶିତ ମତଗୁଡ଼ିକ ଲେଖକମାନଙ୍କର ଅଟେ ଏବଂ ସେମାନେ ସଂପୃକ୍ତ ଥିବା ସଂସ୍ଥାଗୁଡ଼ିକର ମତାମତକୁ ପ୍ରତିନିଧିତ୍ୱ କରେ ନାହିଁ। ସାଧାରଣ ପ୍ରତ୍ୟାଖ୍ୟାନ ପ୍ରୟୋଗ ହୁଏ। ଏହି ଲେଖାଟି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନୀତିପତ୍ର ୧୯କ(19a) ଓ ଏହା ଇଂରାଜୀ ନୀତିପତ୍ର ୧୯ (PB19NCDS, Malaria Control in India against the backdrop of COVID-19 Pandemic, 15 May 2020) ର ଓଡ଼ିଆ ସଂସ୍କରଣ, ଯାହାକି ସୁରେନ୍ଦ୍ର ପାତ୍ରଙ୍କ ଦ୍ୱାରା ଅନୁବାଦିତ, ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଇଉନିକୋଡ ଟାଇପସେଟରେ ପ୍ରସ୍ତୁତ ଏବଂ ବିଶ୍ୱବାସ ପାତ୍ରଙ୍କ ଦ୍ୱାରା ସମୀକ୍ଷାକୃତ। ବିଭିନ୍ନ ପ୍ରମାଣ ଓ ମତର ମୂଳ ଲେଖା ପାଇଁ ପାଠକ ମାନେ ଇଂରାଜୀ ସଂସ୍କରଣରେ ଦିଆଯାଇଥିବା ହାଇପରଲିଙ୍କ ଦେଖି ପାରିବେ ।

[୨]ମଦନ ମୋହନ ପ୍ରଧାନ ହେଉଛନ୍ତି, ଓଡିଶା ସ୍ୱାସ୍ଥ୍ୟ ସେବାର ଅତିରିକ୍ତ ନିର୍ଦ୍ଦେଶକ ଏବଂ ଓଡ଼ିଶାର ବୌଦ୍ଧ ଜିଲ୍ଲାର  ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ବାହକ ଜନିତ ରୋଗ),  ତଥା ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ, ରାଷ୍ଟ୍ରୀୟ ବାହକ ଜନିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ। ଅମ୍ବରିଶ ଦତ୍ତ ହେଉଛନ୍ତି ଭାରତୀୟ ଜନସ୍ୱାସ୍ଥ୍ୟ ସଂସ୍ଥା, ଭୁବନେଶ୍ୱର (ଜନସ୍ୱାସ୍ଥ୍ୟ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ) ର ଏପିଡେମୋଲୋଜି ର ଅତିରିକ୍ତ ପ୍ରଫେସର। ଶ୍ରୀଜିତ୍ ମିଶ୍ର ହେଉଛନ୍ତି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏବଂ ଇନ୍ଦିରା ଗାନ୍ଧୀ ବିକାଶ ଅନୁସନ୍ଧାନ ସଂସ୍ଥା, ମୁମ୍ବାଇର ପ୍ରଫେସର ।

## ମ୍ୟାଲେରିଆ

ମ୍ୟାଲେରିଆ ହେଉଛି ଏକ ଜୀବନ ନାଶକ ରୋଗ ଯାହାକି ପ୍ଲାସମୋଡିୟମ କୀଟାଣୁ ଦ୍ୱାରା ହୋଇଥାଏ ଓ ମାଇ ଆନୋଫିଲିସ ନାମକ ଏକ ମଶା ଏହାର ବାହକ ହୋଇଥାଏ। ଏହା ଏକ ବହୁ ପୁରାତନ ଜନସ୍ୱାସ୍ଥ୍ୟ ସମସ୍ୟା ଯାହାକି ବିଶେଷ କରି କ୍ରାନ୍ତି ବଳୟ ଅଂଚଳର ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ଦେଶଗୁଡିକରେ ଲକ୍ଷ ଲକ୍ଷ ଲୋକଙ୍କୁ ସଂକ୍ରମିତ କରି ମୃତ୍ୟୁ ମୁଖକୁ ନେଇଯାଏ। ବିଶ୍ୱ ମ୍ୟାଲେରିଆ ବିବରଣୀ (ୱାର୍ଲ୍ଡ ମ୍ୟାଲେରିଆ ରିପୋର୍ଟ) ୨୦୧୯ ମୁତାବକ ୨୦୧୮ରେ ପୃଥିବୀର ୮୭ଟି ଦେଶ ମ୍ୟାଲେରିଆରେ ପ୍ରଭାବିତ ହୋଇଥିଲେ ଓ ୪ ଲକ୍ଷ ଲୋକ ଏଥିରେ ପ୍ରାଣ ହରାଇଥିଲେ। ଯେଉଁଥିରୁ ଦୁଇ-ତୃତୀୟାଂଶ ଥିଲେ ୫ ବର୍ଷରୁ କମ ବୟସର ଶିଶୁ। ଆହୁରି ମଧ୍ୟ ୧୯ଟି ସାହାରା ଉପମହାଦେଶୀୟ (ସବ-ସାହାରା) ଅଞ୍ଚଳରେ ଓ ଭାରତରେ ଥିଲେ ପୃଥିବୀର ୮୫ ପ୍ରତିଶତ ମ୍ୟାଲେରିଆ ପ୍ରଭାବିତ। ଭାରତରେ ୪୭ ରୁ ୯୪ ଲକ୍ଷ ଲୋକ ମ୍ୟାଲେରିଆ ଗ୍ରସ୍ତ ହୋଇ ପ୍ରାୟ ୧୮ ହଜାର ପର୍ଯ୍ୟନ୍ତ ଲୋକ ମୃତ୍ୟୁ ବରଣ କରିଛନ୍ତି। ଏହି ରୋଗର ସମସ୍ୟାକୁ ନେଇ ଏହି ବିବରଣୀର ମୂଳ କଥାଟି ଥିଲା ଯେ –

> "ବୈଶ୍ୱିକ ସ୍ତରରେ ୨୦୦୦ ରୁ ୨୦୧୫ ମଧ୍ୟରେ ବହୁ ସଂଖ୍ୟାରେ ମ୍ୟାଲେରିଆ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହୋଇଥିଲା। ବହୁଦେଶ ରେ ଯେଉଁଠି ମ୍ୟାଲେରିଆର ସମସ୍ୟା ଏବେ ସେତେଟା ଅଧିକ ନୁହେଁ ସେସବୁ ଦେଶରୁ ମ୍ୟାଲେରିଆ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ନିର୍ମୁଳ ହେବା ଦିଗରେ ଗତି କରୁଛି। ତେବେ ଏହି ଦିଗରେ ହେଉଥିବା ପ୍ରଗତିର ପରିମାଣ କମ ହେବାରେ ଲାଗିଛି। ଗୁରୁତ୍ୱପୂର୍ଣ ଲକ୍ଷ୍ୟ ଗୁଡିକୁ ସ୍ପର୍ଶ କରିବା ହୁଏତ ସମ୍ଭବ ନ ହୋଇପାରେ।"

କୋଭିଡ-୧୯ ଆସିବା ପୂର୍ବରୁ ଏକ ମ୍ୟାଲେରିଆ ମୁକ୍ତ ବିଶ୍ୱ ଗଠନ ପାଇଁ ଆବଶ୍ୟକ ସମ୍ପଦ ବା ସାଧନ ସୀମିତ ହୋଇ ସାରିଥିଲା। ଯାହାକି ଏହି ଜନସ୍ୱାସ୍ଥ୍ୟ ମୁକାବିଲା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା। କେଭିଡ-୧୯ ପରେ ଏହା ଆହୁରି ଉଗ୍ର ହେବ।

## ମ୍ୟାଲେରିଆ ଉପରେ କୋଭିଡ-୧୯ର ପ୍ରଭାବ

ସମ୍ପ୍ରତି କରୋନା ମହାମାରୀର ତୀବ୍ର ଓ ଅଭୁତପୂର୍ବ ପ୍ରସାର ହେତୁ ଏହାକୁ ରୋକିବା ପାଇଁ ବିଶ୍ୱର ଅଧିକାଂଶ ଦେଶରେ ଦୃଢ ପ୍ରତିଷେଧକ ପଦକ୍ଷେପ ନିଆଯାଇଛି। ଏବେ ସାଧାରଣତଃ ଅଧିକାଂଶ ଅଂଚଳରେ ତାଲାବନ୍ଦ ପାଳନ କରାଯାଉଛି। ଯାହା ଫଳରେ ବିଶ୍ୱର ଅଧିକାଂଶ ଦେଶରେ ଏହା ଜୀବନ, ଜୀବିକା ଓ ଫୁର୍ସତ ସମ୍ପର୍କିତ କାର୍ଯ୍ୟକ୍ରମକୁ ପ୍ରଭାବିତ କରିଛି। ସମ୍ପ୍ରତି ଜନସ୍ୱାସ୍ଥ୍ୟ ସେବା କେବଳ ଏହି ମହାମାରୀକୁ ରୋକିବା କାର୍ଯ୍ୟରେ ବ୍ୟସ୍ତ ରହୁଛି। ସ୍ଥିତିକୁ ଦେଖି ଯାହା ଜଣାପଡୁଛି ବିଶ୍ୱ, ରାଷ୍ଟ୍ରୀୟ ତଥା ସ୍ଥାନୀୟ ସ୍ତରରେ ଉପସ୍ଥିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏହି ମହାମାରୀ ପାଇଁ ପୂର୍ବରୁ ପ୍ରସ୍ତୁତ ନ ଥିଲା ଯାହାପାଇଁ ଏବେ ଆମକୁ ଆମର ଜନସ୍ୱାସ୍ଥ୍ୟସେବା ଉପରେ ଥିବା ଚିନ୍ତାକୁ ଆମୂଳଚୂଳ ପରିବର୍ତ୍ତନ କରିବାକୁ ପଡୁଛି। ଏହା ସହିତ ସମ୍ପ୍ରତି ଆମର ଅଧିକାଂଶ ଧ୍ୟାନ କୋଭିଡ-୧୯ ଉପରେ ସନ୍ନିବେଶିତ ହେବା ଫଳରେ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ଦେଶଗୁଡିକରେ ଅନ୍ୟାନ୍ୟ ସଂକ୍ରାମକ ରୋଗ ଯେପରିକି ହ୍ୟୁମାନ ଇମ୍ୟୁନୋଡେଫିସିଏନ୍ସୀ ଭୂତାଣୁ (ଏଚଆଇଭି), ଟ୍ୟୁବରକୋଲୋସିସ (ଟିବି), ମ୍ୟାଲେରିଆ ଆଦିର ପ୍ରଭାବକୁ ନିୟନ୍ତ୍ରଣ କରିବାପାଇଁ ଚାଲିଥିବା କାର୍ଯ୍ୟରୁ ଧ୍ୟାନ ଓ ସାଧନ ଅନ୍ୟତ୍ର ହଟିବାରେ ଲାଗିଛି। ଯାହା ଫଳରେ ଭାରତରେ ବେଶ ସଫଳ ଭାବରେ ଚାଲିଥିବା ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ହୁଏତ ବାଧାପ୍ରାପ୍ତ ହୋଇପାରେ।

ବିଶେଷକରି ତାଲାବନ୍ଦ କାରଣରୁ ମ୍ୟାଲେରିଆ ଚିହ୍ନଟ ଉଦ୍ଦେଶ୍ୟରେ କରାଯାଉଥିବା ରକ୍ତପରୀକ୍ଷା ଓ ନିୟନ୍ତ୍ରଣ ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ଓ ଉପକରଣ ଗୁଡିକର ଯୋଗାଣରେ ବାଧା ପହଞ୍ଚୁଛି। ବିଶେଷକରି ମ୍ୟାଲେରିଆର ନିଦାନ ବା ଚିହ୍ନଟ ଏବଂ ଔଷଧ କିଣାରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଗ୍ରାମାଞ୍ଚଳରେ ମ୍ୟାଲେରିଆ ପ୍ରତିଷେଧକ କାର୍ଯ୍ୟରେ ଲାଗିଥିବା ଅଗ୍ରଣୀ ସ୍ୱାସ୍ଥ୍ୟକର୍ମୀମାନେ ଏବେ କୋଭିଡ-୧୯ ପ୍ରତିରୋଧକ କାର୍ଯ୍ୟରେ ଲାଗିରହିବା ଫଳରେ ନିୟମିତ ମ୍ୟାଲେରିଆ ନିରୀକ୍ଷଣ ଓ ପ୍ରତିଷେଧକ କାର୍ଯ୍ୟକ୍ରମରେ ବାଧା ପହଞ୍ଚିବା ସ୍ୱାଭାବିକ। କିନ୍ତୁ ନିରନ୍ତର ଚାଲିଥିବା ସଠିକ୍ ଲକ୍ଷଣ ଆଧାରିତ ନିରୀକ୍ଷଣ ଓ ସମ୍ପୂର୍ଣ୍ଣ ଚିକିତ୍ସା ଫଳରେ ଏହି କୀଟାଣୁବାହିତ ରୋଗର ନିୟନ୍ତ୍ରଣ ସମ୍ଭବ ହୋଇ ପାରୁଥିଲା। ଏହା ବ୍ୟତୀତ ଅନ୍ୟାନ୍ୟ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯେପରିକି ଘର ଭିତରେ କୀଟନାଶକ ସିଞ୍ଚନ, ସକ୍ରୀୟ ନିରୀକ୍ଷଣ ଆଦି ମଧ୍ୟ ବାଧାପ୍ରାପ୍ତ ହେବ।

ଏ ସବୁର ଉର୍ଦ୍ଧରେ କେତେକ କ୍ଷେତ୍ରରେ ମ୍ୟାଲେରିଆ ଓ କୋଭିଡ-୧୯ର ଲକ୍ଷଣ ଗୁଡିକ ମଧ୍ୟ ଏକାପରି। ଯେପରିକି ଶରୀରରେ ଲଗାତର ଜ୍ୱର, ଫ୍ଲୁ ବା ଥଣ୍ଡା ଓ କାଶ ପରି ଲକ୍ଷଣ ଓ ନିଶ୍ୱାସପ୍ରଶ୍ୱାସରେ କଷ୍ଟ ହେବା ପରି ଲକ୍ଷଣ ଘଟଣାକୁ ଅଧିକ ଜଟିଳ କରୁଛି। ସାମ୍ପ୍ରତିକ ମହାମାରୀ ପରିସ୍ଥିତିରେ ଏହି ଲକ୍ଷଣ ସହିତ ରୋଗୀଟିଏ ଆଉ ହୁଏତ ମ୍ୟାଲେରିଆର ସଠିକ୍ ନିଦାନ ଓ ଚିକିତ୍ସା ପାଇ ନ ପାରେ। ବରଂ ଏପରି ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ସଙ୍ଗରୋଧରେ ରଖାଯାଇ କୋଭିଡ-୧୯ର ଚିକିତ୍ସା କରାଯାଇପାରେ। ସେହି ସମୟରେ କୋଭିଡ-୧୯ର ପ୍ରାଥମିକ ଚିକିତ୍ସା କାଳରେ ମ୍ୟାଲେରିଆ ଚିକିତ୍ସା ପାଇଁ ବ୍ୟବହୃତ ଔଷଧକୁ କୋଭିଡ-୧୯ର ଚିକିତ୍ସା ଓ ପ୍ରୋଫିଲାକ୍ସିସ (ବା ପ୍ରତିରୋଧକ ଭାବେ

ବ୍ୟବହୃତ, ବିଶେଷ କରି କୋଭିଡ-୧୯ ଜନିତ ସ୍ୱାସ୍ଥ୍ୟକର୍ମୀଙ୍କ) ପାଇଁ ଉପଯୋଗ କରାଗଲା। ଯାହାଫଳରେ ଏହା ସବୁ ଔଷଧର ଚାହିଦା ବୃଦ୍ଧି ପାଇଲା। ଏହି ସବୁ ବିଷୟଗୁଡିକ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମଗୁଡିକର ପକ୍ଷଚ୍ଛେଦ କରିବ।

ସେଇଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ମ୍ୟାଲେରିଆ କାର୍ଯ୍ୟକ୍ରମର ନିର୍ଦ୍ଦେଶକ, ଡା ପେଡ୍ରୋ ଆଲୋଂସୋ ଗତ ୨୫ ମାର୍ଚ୍ଚ ୨୦୨୦ ତାରିଖରେ ପ୍ରତି ମ୍ୟାଲେରିଆ ପ୍ରଭାବିତ ଦେଶକୁ ଏକ ବାର୍ତ୍ତା ଦେଇଛନ୍ତି ଯେ –

> "ଅପଣମାନଙ୍କର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଯୋଜନା ଯେପରି ପ୍ରତିଷେଧକ, ନିଦାନ ଏବଂ ଚିକିତ୍ସା କାର୍ଯ୍ୟଗୁଡିକୁ ଦୁର୍ବଳ କରାଅ ନାହିଁ। ଯଦି କେହି ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ରହୁଛନ୍ତି ଓ ତାଙ୍କୁ ଜ୍ୱର ହେଉଛି ତେବେ ତାଙ୍କର ତୁରନ୍ତ ମ୍ୟାଲେରିଆ ପରୀକ୍ଷା କରାଯାଇ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଉଚିତ।"

୨୫ ଅପ୍ରେଲ ୨୦୨୦ରେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏକ ସତର୍କବାଣୀ ଦିଆଯାଇ କୁହାଯାଇଥିଲା ଯେ ୨୦୧୮ ତୁଳନାରେ ସାହାରା ଉପମହାଦେଶୀୟ (ସବ-ସାହାରା) ଅଂଚଳରେ କୀଟନାଶକ ବ୍ୟବହୃତ ମଶାରୀ ବଣ୍ଟନ ଅଭିଯାନ ଗଭୀର ଭାବରେ ପ୍ରଭାବିତ ହେବା ସହିତ ନିଦାନ ଓ ଔଷଧ ବିତରଣ ପ୍ରଭାବିତ ହେବା ଫଳରେ ଏହା ମ୍ୟାଲେରିଆ ଜନିତ ମୃତ୍ୟୁକୁ ଦ୍ୱିଗୁଣିତ କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଦେଶ ଗୁଡିକୁ ତୀବ୍ର ଗତିରେ ଆଗେଇ ସବ-ସାହାରା ଆଫ୍ରିକୀୟ ଦେଶଗୁଡିକରେ କୋଭିଡ-୧୯କୁ ନେଇ ଦେଖା ଦେଇଥିବା ଏହି ଘଡିସନ୍ଧି ମୁହୁର୍ତ୍ତରେ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସଠିକ ଭାବରେ ଚଳାଇ ରଖିବା ଦରକାର ଓ ସେଥିପାଇଁ ଅତ୍ୟାବଶ୍ୟକ ମ୍ୟାଲେରିଆ ପ୍ରତିଷେଧକ ଓ ଚିକିତ୍ସା ଉପକରଣ ଯୋଗାଇବା ଉଚିତ। ଏହି ସନ୍ଦେଶ ସଠିକ୍ ସମୟରେ ପ୍ରଦାନ କରାଯାଇଛି କିନ୍ତୁ ଅଧିକ ମ୍ୟାଲେରିଆ ପ୍ରବଣ ଓ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ଅର୍ଥଦାନ କରୁଥିବା ଦେଶମାନଙ୍କ ଭିତରେ ସାମଞ୍ଜସ୍ୟ ରହିବ କି ନାହିଁ ତାହା ଚିନ୍ତାର ବିଷୟ।

**ଭାରତ ତଥା ଓଡ଼ିଶା ପରି ମ୍ୟାଲେରିଆ ପ୍ରବଣ ରାଜ୍ୟରେ ଏହାର ପ୍ରଭାବ**

ଭାରତର ଉଚ୍ଚ ମ୍ୟାଲେରିଆ ପ୍ରବଣ ରାଜ୍ୟ ଓଡ଼ିଶାରେ ଫାଲସିଫାରମ ମ୍ୟାଲେରିଆର ପ୍ରଭାବ ରାଜ୍ୟର ଦୁଇ-ତୃତୀୟାଂଶ ଜିଲ୍ଲାରେ ଅନୁଭୂତ ହୋଇଥାଏ। କିନ୍ତୁ ସମ୍ପ୍ରତି ଓଡ଼ିଶାରେ ମ୍ୟାଲେରିଆ ଓ ତଦଜନିତ ମୃତ୍ୟୁର ପ୍ରଭାବ ବହୁ ପରିମାଣରେ କମ ହୋଇସାରିଛି। ୨୦୧୬ ତୁଳନାରେ ୨୦୧୯ରେ ମ୍ୟାଲେରିଆ ମୃତ୍ୟୁ ପରିମାଣ ୯୦ ପ୍ରତିଶତ କମିଛି। କିନ୍ତୁ ଯଦି ପ୍ରତିଷେଧକ ବ୍ୟବସ୍ଥା ଦୁର୍ବଳ ହୁଏ ତେବେ ରାଜ୍ୟରେ ମ୍ୟାଲେରିଆ ପ୍ରତ୍ୟାବର୍ତ୍ତନର ଅନେକ ଆଶଂକା ରହୁଛି। ୨୦୧୭ ରୁ ୨୦୧୯ ମଧ୍ୟରେ ଓଡ଼ିଶାରେ ମ୍ୟାଲେରିଆର ପ୍ରଭାବ ହ୍ରାସ ଏକ ଐତିହାସିକ ମାଇଲଖୁଣ୍ଟ ଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ବିଶ୍ୱ ମ୍ୟାଲେରିଆ ବିବରଣୀ (ୱାର୍ଲ୍ଡ ମ୍ୟାଲେରିଆ ରିପୋର୍ଟ) ୨୦୧୮ ମୁତାବକ ଓଡ଼ିଶାରେ ମ୍ୟାଲେରିଆ ହ୍ରାସ ପାଇବା କାରଣରୁ ଭାରତର ମ୍ୟାଲେରିଆ ମାନଚିତ୍ରରେ ପରିବର୍ତ୍ତନ ଆସିଛି। ଭାରତରେ ୨୪ ପ୍ରତିଶତ ମ୍ୟାଲେରିଆ ହ୍ରାସ ପାଇବାର ଏକ ବଡ କାରଣ ହେଉଛି ଯେ ଓଡ଼ିଶାରେ ମ୍ୟାଲେରିଆର ପ୍ରଭାବ ୮୧ ପ୍ରତିଶତ କମି ଯାଇଛି। ଓଡ଼ିଶାରେ କରାଯାଇଥିବା ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିୟନ୍ତ୍ରଣ (ଦମନ) ଯୋଜନାରେ ସମୂହ ମ୍ୟାଲେରିଆ ଚିହ୍ନଟ ଓ ଚିକିତ୍ସା ଯୋଗୁ ଏହା ସମ୍ଭବପର ହୋଇ ପାରିଛି। ଏହି ଯୋଜନାରେ ଭାରତ ସରକାରଙ୍କର ୨୦୧୭ ମସିହାରେ ଏକ ବିଶ୍ୱ ପାଣ୍ଠି ବା ଗ୍ଲୋବାଲ ଫୁଣ୍ଡରୁ ମ୍ୟାଲେରିଆ ଆଦିର ଦମନ ପାଇଁ ଓଡ଼ିଶାକୁ ୧.୧ କୋଟି ଟଙ୍କାର କୀଟନାଶକ ବ୍ୟବହୃତ ମଶାରୀ ବିତରଣ ମଧ୍ୟ ସାହାଯ୍ୟ କରିଥିଲା । ସେ ଯାହାହେଉ ଓଡ଼ିଶାରେ ଚାଲିଥିବା ନିୟମିତ ମ୍ୟାଲେରିଆ ସର୍ବେକ୍ଷଣ ବ୍ୟବସ୍ଥାକୁ ଭୁଲିଯିବା କୌଣସି ମତେ ଠିକ ନୁହେଁ ଯେହେତୁ ରାଜ୍ୟରେ ମ୍ୟାଲେରିଆ ବୋଝ କମିବାର ଏହା ଗୋଟିଏ ବଡ କାରଣ।

ଉଷ୍ମ ମଣ୍ଡଳୀୟ ଜଳବାୟୁରେ ଓଡିଶାର ଯେଉଁ ଅଂଚଳରେ ଆଦ୍ରତା ଅଧିକ, ବର୍ଷା ଅଧିକ, ଜଙ୍ଗଲୀ ଓ ପାହାଡିଆ ଅଂଚଳ ସେଠାରେ ମୌସୁମୀ ଆଗମନ ପରେ ଜୁନରୁ ଆରମ୍ଭ କରି ତିନିମାସ ପର୍ଯ୍ୟନ୍ତ ମ୍ୟାଲେରିଆର ଭୟ ଲାଗି ରୁହେ। ସେଥିପାଇଁ ତାର ତିନିମାସ ପୂର୍ବରୁ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରାଯାଇଥାଏ ଓ ମାର୍ଚ୍ଚ ଠାରୁ ମଇ ମାସ ପର୍ଯ୍ୟନ୍ତ ମ୍ୟାଲେରିଆ ଦମନ କାର୍ଯ୍ୟରେ ଲାଗୁଥିବା ସମସ୍ତ ଉପକରଣ ଯେପରିକି ରକ୍ତ ପରୀକ୍ଷା ସରଞ୍ଜାମ (ଟେଷ୍ଟ କିଟ), ମ୍ୟାଲେରିଆ ପ୍ରତିଷେଧକ ଔଷଧ ଯେପରିକି କ୍ଲୋରୋକୁଇନ ଓ ହାଇଡ୍ରୋକ୍ସିକ୍ଲୋରୋକୁଇନ, ଘର ଭିତରେ କୀଟନାଶକ ସିଞ୍ଚନ କରାଯାଉଥିବା ଔଷଧ ସହିତ ଯନ୍ତ୍ରପାତି ଏବଂ କୀଟନାଶକ ବ୍ୟବହୃତ ମଶାରୀ ଯୋଗାଇ ଦିଆଯିବାର ଆବଶ୍ୟକତା ରହିଛି।

କିନ୍ତୁ ସାରା ଦେଶବ୍ୟାପୀ ଲାଗୁ କରାଯାଇଥିବା ତାଲାବନ୍ଦରେ ଏହି ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ପ୍ରଭାବିତ ହୋଇଛି । ଆହୁରି ମଧ୍ୟ ୨୦୧୭ ମସିହାରୁ ଲୋକଙ୍କୁ ବିତରଣ କରାଯାଇଥିବା ମଶାରୀ ଗୁଡିକ ପାଖାପାଖି ଅଢେଇ ବର୍ଷ ପରେ ନଷ୍ଟ ହୋଇ ଯାଇ ସାରିବଣି। ଯୋଜନା ଅନୁଯାୟୀ ଭାରତ ସରକାରଙ୍କ ପକ୍ଷରୁ ପୁଣି ଥରେ ୨୦୨୦ ମସିହାରେ ମଶାରୀ ଯୋଗାଇଦେବା ପାଇଁ ସ୍ଥିର କରାଯାଇଥିଲା। ଏଥିପାଇଁ ସର୍ବେକ୍ଷଣକାରୀମାନେ ପ୍ରତି ଜିଲ୍ଲାରେ ଘରକୁ ଘର ଯାଇ ସର୍ବେକ୍ଷଣ ବିବରଣୀ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ପଠାଇବା କଥା। କିନ୍ତୁ ତାଲାବନ୍ଦ ସମୟରେ ଯାତାୟାତ ଉପରେ ଲଗାଯାଇଥିବା ବିଭିନ୍ନ ପ୍ରତିବନ୍ଧକ କାରଣରୁ ଏହି ସର୍ବେକ୍ଷଣ ବାଧାପ୍ରାପ୍ତ ତଥା ବିଳମ୍ବିତ ହେବ। ସେଥିପାଇଁ ସାରା ଭାରତରେ କୀଟନାଶକ ବ୍ୟବହୃତ ମଶାରୀ ମିଳିବା ପ୍ରକ୍ରିୟା ବିଳମ୍ବିତ ହେବ। ସମ୍ପ୍ରତି ସନ୍ଦେହ ମଧ୍ୟ ଉପୁଜିଲାଣି ଯେ ମ୍ୟାଲେରିଆ ଦମନ ପାଇଁ ଯୋଗାଇ ଦିଆଯାଉଥିବା ମଶାରୀ ଯୋଗାଣ ପାଇଁ ଅର୍ଥ ସମସ୍ୟା ମଧ୍ୟ ସୃଷ୍ଟି ହୋଇପାରେ। ସାରା ବିଶ୍ୱ କୋଭିଡ-୧୯ର ନିୟନ୍ତ୍ରଣ ପାଇଁ ଲାଗିପଡିଥିବା କାରଣରୁ ମ୍ୟାଲେରିଆ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡିକ ପାଇଁ ପାଣ୍ଠି ଯୋଗାଣ କ୍ଷେତ୍ରରୁ ଧ୍ୟାନ କମ ହେଇଛି। ସେହିପରି ମଇ ଏବଂ ଜୁନ ମାସରେ ଓଡ଼ିଶାରେ ଅନ୍ୟରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକଙ୍କ ପାଇଁ ମଧ୍ୟ ମ୍ୟାଲେରିଆ ନିୟନ୍ତ୍ରଣର ଉଦ୍ୟମ ଏକ ଅତିରିକ୍ତ ଆହ୍ୱାନ ହବା ଦରକାର।

ଶେଷରେ, ଯଦି ବୈଶ୍ୱିକ, ଜାତୀୟ ଏବଂ ସ୍ଥାନୀୟ ସ୍ତରରେ ସଠିକ୍ ଉଦ୍ୟମ କରା ନ ଯାଏ ତେବେ ସମ୍ପ୍ରତି ଚାଲିଥିବା କୋଭିଡ-୧୯ ମହାମାରୀର (ଯାହାର ଅନ୍ତ ଏତେ ଶୀଘ୍ର ହେବାର ଆଶା ଦେଖାଯାଉ ନାହିଁ) ନିୟନ୍ତ୍ରଣ ପାଇଁ ଚାଲିଥବା କାର୍ଯ୍ୟକ୍ରମ ମଧ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯକ୍ରମ ବାଧାପ୍ରାପ୍ତ ହେବ। ତେଣୁ ଏହି ପୁରାତନ ଜନସ୍ୱାସ୍ଥ୍ୟ ସମସ୍ୟା ରହିଥିବା ମ୍ୟାଲେରିଆକୁ ନିୟନ୍ତ୍ରଣରେ ରଖିବା ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଚାଲୁ ରଖିବା ପାଇଁ ଏଠାରେ କେତେକ ପରାମର୍ଶ ଦିଆ ଯାଇଛି।

- ଏବେର କୋଭିଡ-୧୯ ମହାମାରୀରୁ ଗୋଟିଏ ଶିକ୍ଷା ମିଳିଛି ଯେ ଜନସ୍ୱାସ୍ଥ୍ୟ ସେବାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ଭାବେ ଚିନ୍ତା କରିବାକୁ ହେବ।
- କୋଭିଡ-୧୯ର ପ୍ରତିଷେଧକ ଓ ଅବରୋଧ ସହିତ ମ୍ୟାଲେରିଆ ପ୍ରତିରୋଧୀ କାର୍ଯ୍ୟକ୍ରମ ଉପରେ ବିଶେଷ କରି ମ୍ୟାଲେରିଆ ପ୍ରବଣ ଅଞ୍ଚଳ ରେ ଆବଶ୍ୟକ ଧ୍ୟାନ ଦିଆଯିବା ଉଚିତ। ଏଠାରେ ମ୍ୟାଲେରିଆ ନିରୀକ୍ଷଣ ବ୍ୟବସ୍ଥାକୁ ସକ୍ରୀୟ ରଖାଯିବା, ରୋଗଚିହ୍ନଟ ପାଇଁ ନିଦାନ ବ୍ୟବସ୍ଥାକୁ ମଜବୁତ କରାଇବା, ଗୋଷ୍ଠୀ ସ୍ତରରେ ଚିକିତ୍ସା ବ୍ୟବସ୍ଥା ଚାଲୁ ରଖିବା ତଥା ସ୍ୱାସ୍ଥ୍ୟସେବାର ସ୍ତରକୁ ଠିକ ରଖିବାର ଆବଶ୍ୟକତା ରହିଛି।
- ଯେ କୌଣସି ମତେ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯେପରିକି କୀଟନାଶକ ବ୍ୟବହୃତ ମଶାରୀର ବିତରଣ ଏବଂ ଘର ଭିତରେ କୀଟନାଶକ ସିଞ୍ଚନ ଚାଲୁ ରହିବା ଆବଶ୍ୟକ। ଏଥିପାଇଁ କୋଭିଡ-୧୯ର ମେଡିକାଲ ଉପକରଣ ଯୋଗାଇବା ବ୍ୟବସ୍ଥାର ବ୍ୟବହାର କରି ହେବ।
- କୋଭିଡ-୧୯ର ନିୟନ୍ତ୍ରଣ ପାଇଁ ନିଆଯାଉଥିବା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମଗୁଡିକ ସହିତ ସମନ୍ୱିତ ଢଙ୍ଗରେ ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗଗୁଡିକର ନିୟନ୍ତ୍ରଣ ପାଇଁ ମଧ୍ୟ ପଦକ୍ଷେପ ଚାଲୁ ରହିବା ଆବଶ୍ୟକ। ଏହାକୁ ଆମ ଦେଶରେ ପ୍ରାଥମିକତା ଦେବାକୁ ହେବ କାରଣ ଅନ୍ୟାନ୍ୟ ଦେଶ ଯେପରିକି ଚୀନ, ୟୁରୋପ ଏବଂ ଆମେରିକାରେ ମ୍ୟାଲେରିଆ ପ୍ରଭାବିତ ଅଞ୍ଚଳ ନାହିଁ। ସେଥିପାଇଁ କୋଭିଡ-୧୯ଏବଂ ମ୍ୟାଲେରିଆର ପାଦୃଭାବ (କୋ-ମୋରବିଡ଼ କଣ୍ଡିସନ) ବିଷୟରେ ଆମ ପାଖରେ ବିଶେଷ ପ୍ରମାଣ ନାହିଁ।
- ସାମ୍ପ୍ରତିକ ସମୟରେ ଗ୍ରାମପଞ୍ଚାୟତ ଗୁଡିକୁ ବହୁ ଅତିରିକ୍ତ କ୍ଷମତା ମିଳିଛି। ସେମାନେ ସେମାନଙ୍କ ପଞ୍ଚାୟତରେ ମ୍ୟାଲେରିଆ ନିୟନ୍ତ୍ରଣ ଓ ଉନ୍ମୂଳନ ପାଇଁ ପଞ୍ଚାୟତବାସୀଙ୍କ ସହିତ ମିଶି ସ୍ଥାନୀୟ ଯୋଜନାମାନ ତିଆରି କରିବା ଉଚିତ। ବାସ୍ତବରେ ଏହାକୁ ସ୍ୱଚ୍ଛତାର ଏକ ବ୍ୟାପକ କାର୍ଯ୍ୟକ୍ରମ ଭାବରେ ପ୍ରସ୍ତୁତ କରାଯିବା ଉଚିତ ଯାହାଦ୍ୱାରା ବିଭିନ୍ନ ସଂକ୍ରମଣ ଓ କୀଟାଣୁ ବାହିତ ରୋଗଗୁଡିକର ନିୟନ୍ତ୍ରଣ ସମ୍ଭବ ହୋଇ ପାରିବ।
- ରାଷ୍ଟ୍ରୀୟ ବାହକ ଜନିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏବଂ ଏକିକୃତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ପକ୍ଷରୁ ତୁରନ୍ତ ମ୍ୟାଲେରିଆ ଚିହ୍ନଟ ପାଇଁ ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ। ଯାହାଫଳରେ ଏହାର ତୁରନ୍ତ ନିୟନ୍ତ୍ରଣ କରାଯିବା ସମ୍ଭବ ହୋଇ ପାରିବ। ଇତି ମଧ୍ୟରେ ଏକିକୃତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ତାର ସାପ୍ତାହିକ ରୋଗ ପ୍ରାଦୁର୍ଭାବ ସମ୍ପର୍କିତ ବିବରଣୀ ୨୦୨୦ ମସିହାର ଅଷ୍ଟମ ସପ୍ତାହ ଯାଏ ପ୍ରକାଶ କରିଅଛି । (ସେଥି ମଧ୍ୟରୁ ଦୁଇଟି ବିବରଣୀ, ଏହି ନୀତିପତ୍ରର ଇଂରାଜୀ ସଂସ୍କରଣ ଲେଖା ହେଲା ପରେ ପ୍ରକାଶ ପାଇଛି)। ଅଥଚ ଏହି ସଂସ୍ଥାକୁ କୋଭିଡ-୧୯, ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗଗୁଡିକର ଆବିର୍ଭାବ ଓ ପ୍ରାଦୁର୍ଭାବ ଉପରେ ପ୍ରମାଣ ଦେବାର ଆବଶ୍ୟକତା ରହିଛି। ଏକିକୃତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମର ରାଜ୍ୟ ତଥା ଜିଲାସ୍ତରୀୟ ଶାଖାଗୁଡିକ ଏହି ସମୟରେ ଅଧିକ ସକ୍ରୀୟ ହୋଇ ଏହି ସବୁ ପ୍ରମାଣ ପ୍ରସ୍ତୁତ କରିବା ଉଚିତ।

This is the eighth NCDS policy brief in the COVID-19 series. The other seven have been on analysis of cases across countries and provinces of China (PB12NCDS, 20 March 2020), on behavioural biases that could lead to panic like asking health care professionals to leave rented premises (PB13NCDS, 25 March 2020), on strengthening COVID hospitals and concerns of community transmission in Odisha (PB14NCDS, 28 March 2020), କୋଭିଡ-୧୯ ମହାମାରୀ ସମୟରେ ପୁଷ୍ଟିକର ଖାଦ୍ୟର ଉପଯୋଗିତା (PB15NCDS, 7 April 2020), which is an Odia translation of "Maintaining a healthy diet during COVID-19 pandemic" prepared by the Food and Agriculture Organization of the United Nations, a cross-country analysis of positive cases and testing (PB16NCDS, 11 April 2020), frequently asked questions on rapid antibody test (PB17NCDS, 20 April 2020; ଯାହାର ଓଡ଼ିଆ ସଂସ୍କରଣ, PB17aNCDS, 23 April 2020), and on movement of migrant labourers (PB18NCDS, 27 April 2020; ଯାହାର ଓଡ଼ିଆ ସଂସ୍କରଣ, PB18aNCDS, 3 May 2020).

-0-X-0-




Nabakrushna Choudhury Centre for Development Studies (NCDS)
(an Indian Council of Social Science Research (ICSSR) institute
in collaboration with Government of Odisha)
Bhubaneswar-751013, Odisha, India

Phone: +91-674-2301094
Email: ncds_bbsr@dataone.in
Web: ncds.nic.in
Facebook: @ncdsbhubaneswar
Twitter: @ncds_bbsr
Google Maps: NCDS Bhubaneswar